# ଆପଣଙ୍କର ଏକ ସ୍ମାର୍ଟଫୋନ୍ ଅଛି କି ? ଆଉ ସେଥିରେ ଇଣ୍ଟରନେଟ୍ ସଂଯୋଗ ହୋଇଛି କି ?

## ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (UPI)ରେ ଡିଜିଟାଲ୍ ପ୍ରକ୍ରିୟାକୁ ଆପଣାନ୍ତୁ

ଏହା ଏମିତି ଏକ ପ୍ରକ୍ରିୟା ଯାହା ଗୋଟିଏ ବ୍ୟାଙ୍କ୍‌ରୁ ଅନ୍ୟ ଏକ ବ୍ୟାଙ୍କ୍‌କୁ ତୁରନ୍ତ ଟଙ୍କା ପଠେଇବାରେ ସାହାଯ୍ୟ କରିଥାଏ, ଯଦି ଆପଣଙ୍କ ଫୋନ୍‌ରେ ଇଣ୍ଟରନେଟ୍‌ର ସୁବିଧା ରହିଛି।



**ଆପଣ ବ୍ୟବହାର କରିପାରିବେ ଯଦି...**

ଆପଣଙ୍କ ମୋବାଇଲ୍ ନମ୍ବରଟି

ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସହିତ ଯୋଡ଼ି ହୋଇଥାଏ

ଏବଂ

ଆପଣଙ୍କ ପାଖରେ ଡେବିଟ୍ /ଏଟିଏମ୍ କାର୍ଡ ଥାଏ

**ଆପଣ ବ୍ୟବହାର କରିପାରିବେ BHIM ଆପ୍ଲିକେସନ୍, ଅନ୍ୟ କୌଣସି ବ୍ୟାଙ୍କର ଆପ୍ଲିକେସନ୍ କିମ୍ବା ଯେକୌଣସି ତୃତୀୟ ଅଭିନିବେଶ ସଂସ୍ଥାର ଆପ୍ଲିକେସନ୍ ଯିଏକି UPI ନେଣଦେଣ ବ୍ୟବସ୍ଥା ପ୍ରଦାନ କରୁଥିବ। ଉଦାହରଣ ସ୍ୱରୂପ BHIM ଆପ୍ଲିକେସନ୍‌ର ଏକକାଳୀନ ପଞ୍ଜୀକରଣ ପ୍ରକ୍ରିୟାଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା**

## ଏକକାଳୀନ ପଞ୍ଜୀକରଣ ପ୍ରକ୍ରିୟା

୧ BHIM ଆପ୍ଲିକେସନ୍ ଡାଉନ୍‌ଲୋଡ୍ କରନ୍ତୁ

୨ ଆପ୍ଲିକେସନ୍‌ଟିକୁ ଖୋଲନ୍ତୁ, ଫୋନ୍‌କୁ ପଞ୍ଜୀକରଣ କରିବା ପାଇଁ ଗୋଟିଏ ମ୍ୟାସେଜ୍ ଯାଇଥାଏ

୩ ଏକ ପାସ୍‌ୱାର୍ଡ ସୃଷ୍ଟି କରନ୍ତୁ ଏବଂ ଲଗ୍‌ଇନ୍ ପରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ୍‌କୁ ଚୟନ କରନ୍ତୁ

୪ ଆପଣଙ୍କ ଭର୍ଚୁଆଲ୍ ପେମେଣ୍ଟ୍ ଆଡ୍ରେସ୍ (VPA) କିମ୍ବା UPI ID ହେବ ଆପଣଙ୍କ ମୋବାଇଲ୍ ନମ୍ବର @upi

୫ UPI ପିନ୍ ସୃଷ୍ଟି କରିବା ପାଇଁ ଦବାନ୍ତୁ
- ▶ ଏଟିଏମ୍ କାର୍ଡର ଶେଷ ୬ଟି ନମ୍ବର
- ▶ ଏଟିଏମ୍ କାର୍ଡର ଅବଧି ସରୁଥିବା ମାସ ଏବଂ ବର୍ଷ
- ▶ ଏକକାଳୀନ ପାସ୍‌ୱାର୍ଡ (OTP) ଯାହା ଆପଣଙ୍କ ମୋବାଇଲ୍ ନମ୍ବରରେ ପ୍ରାପ୍ତି ହୋଇଛି

▶ UPI ପିନ୍ ସାହାଯ୍ୟରେ ଆପଣ କାହା ପାଖକୁ ମଧ୍ୟ ଟଙ୍କା ପଠାଇ ପାରିବେ। ଏଥିପାଇଁ ଆପଣଙ୍କୁ ଜାଣିବାକୁ ହେବ ଟଙ୍କା ପାଇବାକୁ ଥିବା ବ୍ୟକ୍ତିଙ୍କର ଭର୍ଚୁଆଲ୍ ଆଡ୍ରେସ୍ (VPA)।

▶ ଆପଣ ଯାହା ପାଖକୁ ଟଙ୍କା ପଠାଉଛନ୍ତି ତାଙ୍କର ଯଦି VPA ଉପଲବ୍ଧ ନଥାଏ ତେବେ IFSC କୋଡ୍ ଏବଂ ଆକାଉଣ୍ଟ ନମ୍ବର କିମ୍ବା ଆଧାରକାର୍ଡ ନମ୍ବର ଯାହା ବ୍ୟାଙ୍କ ଆକାଉଣ୍ଟ ନଚେତ୍ ମୋବାଇଲ୍ ନମ୍ବର ସହିତ ସଂଯୋଗ ହୋଇଥିବ, ତାହା ବ୍ୟବହାର କରିପାରିବେ

ଏହା ତୁରନ୍ତ ତଥା ୨୪ ଘଣ୍ଟିଆ ନିରବଚ୍ଛିନ୍ନ ପ୍ରକ୍ରିୟା



Design: Anupam Sharma01/17

UPI

**ବିତ୍ତୀୟ ଅନ୍ତର୍ଭୁକ୍ତୀକରଣ ଓ ବିକାଶ ବିଭାଗ**

**ଭାରତୀୟ ରିଜର୍ଭ ବ୍ୟାଙ୍କ**

www.rbi.org.in